ପ୍ରେସ୍‌ନୋଟ୍

## ସ୍ୱଳ୍ପ ସଞ୍ଚୟ୍ ଯୋଜନାରେ ମିଳୁଥିବା ସୁବିଧାକୁ ନେଇ କର୍ମଶାଳା ଅନୁଷ୍ଠିତ ।

ଅନୁଗୋଳ, ତା.୨୩.୦୯:- ଆଜିର ସଞ୍ଚୟ୍ କାଲିର ସ୍ୱଛଳ ଭବିଷ୍ୟତ । ଦେଶର ଆର୍ଥୀକ ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ସ୍ୱଳ୍ପ ସଂଚୟ୍‌ର ବିଭିନ୍ନ ଯୋଜନା ଗୁଡିକୁ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରିବାକୁ ନେଇ ଆଜି ପୂର୍ବାହ୍ନରେ ଅନୁଗୋଳ ଗୋଷ୍ଠୀ ଉନ୍ନୟ୍ନ ଅଧିକାରୀଣି ଶ୍ରଦ୍ଧାଞ୍ଜଳୀ ମାଝିଙ୍କ ଅଧ୍ୟକ୍ଷତାରେ ତାଂକ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ସ୍ୱଳ୍ପ ସଂଚୟ୍ ଦାୟିତ୍ୱରେ ଥିବା ଡେପୁଟୀ କଲେକ୍ଟର ଶ୍ରୀମତୀ ଇଶାନି ଷଣ୍ଢ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ସ୍ୱଳ୍ପ ସଂଚୟ୍ ଯୋଜନାରେ ମିଳୁଥିବା ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଯେ କୌଣସି ଡାକ ଘରେ ସର୍ବନିମ୍ନ ୫୦୦ ଟଂକାରେ ଡାକଘର ସଂଚୟ୍ ଖାତା ଯୋଜନାରେ ଖାତା ଖୋଲିଲେ ଚେକ୍ ବହି ସୁବିଧା ମିଳିବ । ଏହାଛଡା ବ୍ୟକ୍ତିଗତ ଖାତା ପାଇଁ ବାର୍ଷିକ ୧୦ ହଜାର ଟଂକା ପର୍ଯ୍ୟନ୍ତ ଲବ୍ଧ ସୁଧ ସମ୍ପୂର୍ଣ୍ଣ ଆୟ୍‌କର ମୁକ୍ତ ଆଟେ । ସୁକନ୍ୟା ସମୃଦ୍ଧି ଯୋଜନାରେ ବାର୍ଷିକ ଚକ୍ରବୃଦ୍ଧି ସୁଧହାର ଶତକଡା ୭.୬ । ୨୧ ବର୍ଷ , ଖାତା ଖୋଲିବାର ପ୍ରଥମ ୧୫ ବର୍ଷ ପର୍ଯ୍ୟନ୍ତ ଟଂକା ଜମା କରିବାକୁ ହୁଏ । ଖାତା ଖୋଲିବାକୁ ସର୍ବନିମ୍ନ ଜମା ୨୫୦ ଟଂକା ଏବଂ ପରବର୍ତ୍ତୀ ଜମା ୫୦ ଟଂକା କିମ୍ୱା ତାହାର ଗୁଣିତକ ସର୍ବୋଚ୍ଚ ୧ ଲକ୍ଷ ୫୦ ହଜାର ଗୋଟିଏ ଆର୍ଥୀକ ବର୍ଷରେ ଜମା କରାଯାଇପାରିବ । ୧୦ ବର୍ଷ ବୟ୍‌ସ ପର୍ଯ୍ୟନ୍ତ କନ୍ୟା ନାମରେ ଏହି ଆକାଉଣ୍ଟ ଖୋଲାଯାଇପାରେ । ସର୍ବାଧିକ ୨ଟି (ସ୍ଥଳ ବିଶେଷରେ ୩ଟି) ଆକାଉଣ୍ଟ ଖୋଲାଯାଇପାରେ । ୧୮ ବର୍ଷ ବୟ୍‌ସ ପ୍ରାପ୍ତି କିମ୍ୱା ଦଶମ ଶିକ୍ଷା ସମାପ୍ତ ପରେ କନ୍ୟାର ଉଚ୍ଚ ଶିକ୍ଷା ଏବଂ ବିବାହ ଖର୍ଚ୍ଚ ପାଇଁ ଜମା ଅର୍ଥର ୫୦ ପ୍ରତିଶତ ଟଂକାର ଆଂଶିକ ଉଠାଣ କରାଯାଇପାରେ । ୨୧ ବର୍ଷ ଅବଧି ପୂର୍ବରୁ କନ୍ୟାର ବିବାହ କ୍ଷେତ୍ରରେ ଆକାଉଣ୍ଟ ବନ୍ଦ କରାଯିବ । ମାତ୍ର କନ୍ୟାର ବୟ୍‌ସ ୧୮ କିମ୍ୱା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ । ଏଥିରେ ଆୟ୍‌କର ଧାରା ୮୦-ସି ଅନୁସାରେ ରିହାତି ଉପଲବଧ । କିଷାନ ବିକାଶ ପତ୍ରରେ ଶତକଡା ବାର୍ଷିକ ୬.୯ ହାରରେ ଚକ୍ରବୃଦ୍ଧି ସୁଧ

ମିଳିବ । ଏକ ହଜାର ଟଙ୍କା ୧୦ ବର୍ଷ ୪ ମାସରେ ଦୁଇ ଗୁଣିତ ହୋଇ ୨ ହଜାର ଟଙ୍କାର ପରିପକ୍ୱ ରାଶି ପ୍ରଦାନ କରାଯାଏ । ସର୍ବନିମ୍ନ ଏକ ହଜାର ଟଙ୍କା ଜମା ପରିମାଣ ଓ ଏହାର ସର୍ବୋଚ୍ଚ ସୀମା ନାହିଁ । ୨ ବର୍ଷ ୬ ମାସ ପରେ ଜମାକାରୀ ଚାହିଁଲେ ଅର୍ଥ ଉଠାଇ ପାରିବ । ଋଣ ଉଠାଣ ନିମନ୍ତେ ଏହାକୁ ବନ୍ଧକ ସ୍ୱରୁପ ଜମା କରାଯାଇପାରେ । ବରିଷ୍ଠ ନାଗରିକ ଯୋଜନାରେ ଶତକଡା ବାର୍ଷିକ ୭.୪ ପ୍ରତିଶତ ହାରରେ ବର୍ଷର ମାର୍ଚ୍ଚ ୩୧, ଜୁନ୍ ୩୦, ସେପ୍ଟେମ୍ବର ୩୦ ଏବଂ ଡିସେମ୍ବର ୩୧ ତାରିଖରେ ସୁଧ ପ୍ରଦାନ କରାଯାଏ । ଏକ ଲକ୍ଷ ଟଙ୍କା ଜମା ଉପରେ ତ୍ରୈମାସିକ ୧୮୫୦ ଟଙ୍କା ସୁଧ ମିଳେ । ଏହାର ପରିପକ୍ୱ ଅବଧି ୫ ବର୍ଷ କିମ୍ବା ଆଉ ୩ ବର୍ଷ ବୃଦ୍ଧି କରାଯାଇପାରେ । ଏହି ଜମା ନିମନ୍ତେ ଡାକ ଘର ସମେତ କ୍ଷମତାପ୍ରାପ୍ତ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯାଇପାରେ । ଆୟକର ନିୟମ ୮୦-ସି ଧାରା ଅନୁସାରେ ଆୟକର ରିହାତି ମିଳେ । ଡାକ ଘର ରେକରିଂ ଡିପୋଜିଟ୍‌ରେ ସୁଧ ହାର ୫.୮ ପ୍ରତିଶତ । ୧୦୦ ଟଙ୍କିଆ ଆକାଉଣ୍ଟର ପରିପକ୍ୱ ମୁଲ୍ୟ ୬ ହଜାର ୯୭୦ ଟଙ୍କା ଏହାର ପରିପକ୍ୱ ଅବଧି ୫ ବର୍ଷ । ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରାଯାଇପାରେ । ଜମା ପରିମାଣ ସର୍ବନିମ୍ନ ୧୦୦ ଟଙ୍କା କିମ୍ବା ୧୦ ଟଙ୍କାର ଗୁଣିତକ । ଏହାର ସର୍ବୋଚ୍ଚ ସୀମା ନାହିଁ । ଜମାକାରୀ ଚାହିଁଲେ ୩ ବର୍ଷ ପରେ ଆକାଉଣ୍ଟ ବନ୍ଦ କରିପାରିବ । ଏକ ବର୍ଷ ପରଠାରୁ ଋଣ ସୁବିଧା ଉପଲବଧ । ଡାକଘର ମିଆଦି ଜମା ୧ ବର୍ଷ, ୨ ବର୍ଷ,୩ ବର୍ଷ,୪ବର୍ଷ ଓ ୫ ବର୍ଷ ଅଟେ । ଏହାର ପରିପକ୍ୱ ଅବଧି ମଧ୍ୟ ୧ ବର୍ଷ, ୨ ବର୍ଷ,୩ ବର୍ଷ ଓ ୫ ବର୍ଷ । ସର୍ବନିମ୍ନ ଜମା ଏକ ହଜାର ଟଙ୍କା ଏହାର ସର୍ବୋଚ୍ଚ ସୀମା ନାହିଁ । ପବ୍ଲିକ୍ ପ୍ରୋଭିଡେଣ୍ଟ ପଣ୍ଡରେ ଶତକଡା ବାର୍ଷିକ ୭.୧ ହାରରେ ଚକ୍ରବୃଦ୍ଧି ସୁଧ ମିଳେ । ସର୍ବନିମ୍ନ ଜମା ୫୦୦ ଟଙ୍କା ,ସର୍ବୋଚ୍ଚ ୧ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ ଆର୍ଥିକ ବର୍ଷରେ ଜମା କରାଯାଇପାରେ । ଏହାର ଆୟକର ୮୦-ସି ଅନୁଯାଇ କମରସିଆଲ ମୁକ୍ତ ଓ ସୁଧ

ମଧ୍ୟ ସମ୍ପୂର୍ଣ୍ଣ ଆୟକର ମୁକ୍ତ ଅଟେ । ସପ୍ତମ ଆର୍ଥିକ ବର୍ଷ ଠାରୁ ଟଙ୍କା ଉଠାଯାଇପାରେ । ଏଥିରେ ଋଣ ସୁବିଧା ଉପଲବଧ । ଡାକଘର ମାସିକ ଆୟ ଯୋଜନାରେ ଶତକଡା ବାର୍ଷିକ ୬.୬ ହାରରେ ମାସକୁ ମାସ ସୁଦ୍ଧ ମିଳେ । ଏହାର ପରିପକ୍ୱ ଅବଧି ୫ ବର୍ଷ ଓ ସର୍ବନିମ୍ନ ଜମା ଏକ ହଜାର ଟଙ୍କା ଅଟେ । ସର୍ବୋଚ୍ଚ ସୀମା ବ୍ୟକ୍ତିଗତ ୪ ଲକ୍ଷ ୫୦ ହଜାର ଓ ଯୁଗ୍ମ ୯ ଲକ୍ଷ ଟଙ୍କା । ଏକ ଲକ୍ଷ ୫୦ ହଜାର ଟଙ୍କା ଜମା ରାଶିରେ ମାସକୁ ୮୨୫ ଟଙ୍କା ସୁଧ ମିଳେ । ଜାତୀୟ ସଂଚୟ ସାର୍ଟିଫିକେଟ ଅଷ୍ଟମ ଇସ୍ୟୁରେ ଶତକଡା ବାର୍ଷିକ ୬.୮ ପ୍ରତିଶତ ହାରରେ ବାର୍ଷିକ ଚକ୍ରବୃଦ୍ଧି ସୁଧ ମିଳେ । ୧୦ ହଜାର ଟଙ୍କା ୫ ବର୍ଷରେ ୧୩ ହଜାର ୮୯୫ ଟଙ୍କା ହେବ । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଓଡିଶା ମଧ୍ୟରେ ଉପରୋକ୍ତ ଯୋଜନା ଗୁଡିକରେ ସର୍ବନିମ୍ନ ୨ ହଜାର ଟଙ୍କା ଜମା ପିଛା ଗୋଟିଏ ମାଗଣା ଓଡିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା କୁପନ ମିଳିବ । ଏହି ଯୋଜନାରେ ସର୍ବୋଚ୍ଚ ୫ ଲକ୍ଷ ଓ ସର୍ବ ନିମ୍ନ ୨ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ମାସକୁ ୧୨ ଟଙ୍କା ଜମା କଲେ ଦୁର୍ଘଟଣା କ୍ଷତିପୁରଣ ବାବଦକୁ ୨ ଲକ୍ଷ ଟଙ୍କା ମିଳିବ । ଏହି କର୍ମଶାଳାରେ ପୋଷ୍ଟ ମାଷ୍ଟର ଶ୍ରୀ ସୁଶାନ୍ତ କୁମାର ପାଣିଗ୍ରାହୀ , ଟ୍ରେଜେରୀ ଅଫିସର ଜୟନ୍ତି ବିଶ୍ୱାଳ, ଲିଡ୍ ବ୍ୟାଂକ ମ୍ୟାନେଜର ଶ୍ରୀ ସଂଜିବ କୁମାର ନାୟକଂକ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

